୧୮ ଅଗଷ୍ଟ ୨୦୨୩ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍

## ଜମାଅତର କର୍ମକର୍ତ୍ତାମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଭାରର ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି, ସୁନିଶ୍ଚିତ ରୂପେ ଐଶ୍ୱର୍ଯ୍ୟମୟ ପ୍ରଭୁ ତୁମମାନଙ୍କୁ ଆଦେଶ ଦେଇଛନ୍ତି ଯେ ତୁମମାନେ ଅମାନତ୍‌କୁ ତାହାର ଅଧିକାରୀକୁ ଅର୍ପଣ କର । ଗୋଟିଏ ହଦିସ୍‌ରେ ଉଲ୍ଲେଖ ରହିଛି ହଜରତ ମୁହମ୍ମଦ[ସ.ଅ] କହିଲେ; କୌଣସି ପଦ ଅଥବା ଉଚ୍ଚଆସନରେ ଆସୀନ ହେଲେ ଜନସାଧାରଣଙ୍କ ସୁଖସମୃଦ୍ଧି ବୁଝିବାକୁ କ୍ଷମତା ପ୍ରାପ୍ତ ହୋଇଥାଏ, ତାହା ମଧ୍ୟ ଏକ ଅମାନତ୍ । ସୁତରାଂ ଏହି ଦୃଷ୍ଟିକୋଣରୁ ଆମ ଜମାଅତୀୟ ବ୍ୟବସ୍ଥାରେ ମଧ୍ୟ ପ୍ରତ୍ୟେକ ପଦ ଅଥବା ସେବାଦାନ କରିବାର ସୌଭାଗ୍ୟ ଲାଭ କରିବା ଏକ ଅମାନତ୍ ଅଟେ ।

ଜମାଅତୀୟ ବ୍ୟବସ୍ଥାର ପ୍ରତ୍ୟେକ ବିଭାଗର କର୍ମକର୍ତ୍ତା ନିର୍ବାଚିତ ହୋଇଥାନ୍ତି । ଅତଃ ଅଲ୍ଲାଃତାଲାଙ୍କ ଆଦେଶ ଯେ, ଯେତେବେଳେ ମଧ୍ୟ ତୁମେ ଏହି ଉଦ୍ଦେଶ୍ୟରେ ମତ ପ୍ରଦାନ କରିବ ତେବେ ଏଥିପ୍ରତି ଲକ୍ଷ ରଖିବ କି ମନୋନୀତ ପ୍ରାର୍ଥୀ ନିଜ ଅମାନତ୍‌ର ଉଚିତ୍ କର୍ତ୍ତବ୍ୟ ସମ୍ପାଦନ କରିବେ ।

ନିର୍ବାଚନ ସମୟରେ ସମ୍ପର୍କ ଅଥବା ଭାବସ୍ନେହକୁ କଦାପି ସମ୍ମୁଖରେ ରଖିବା ଉଚିତ୍ ନୁହେଁ । କେତେକ ସମୟରେ କେତେକ କର୍ମକର୍ତ୍ତା କେନ୍ଦ୍ର ଅବା ଉପସ୍ଥିତ ଖଲିଫାଙ୍କ ଦ୍ୱାରା ସିଧାସଳଖ ନିଯୁକ୍ତ କରିଦିଆ ଯାଇଥାନ୍ତି । କିନ୍ତୁ ଆମର ପ୍ରୟାସ ଏହା ହିଁ ହୋଇଥାଏ କି ନିରୀକ୍ଷଣ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ମୁତୟନ କରାଯାଉ । ତେବେ କଦାଚିତ ଅନୁମାନ ଭୁଲ ମଧ୍ୟ ସାବ୍ୟସ୍ତ ହୋଇଯାଇଥାଏ । ଅଥବା କ୍ଷମତା ପ୍ରାପ୍ତ କରିବା ପରେ ଲୋକମାନଙ୍କ ସ୍ୱଭାବରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ ଏବଂ ସ୍ନେହ ଆଦର ଓ ବିନମ୍ରତାର ସହିତ କାର୍ଯ୍ୟ କରିବାର ଆତ୍ମା ଉଜ୍ଜିବିତ ରହି ନଥାଏ । ସେ ଜାହା ହେଉ ଆମମାନଙ୍କୁ ଚେଷ୍ଟା କରିବା ଉଚିତ୍ ଯେ, ଦୁଆ କରି ନିଜ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀଙ୍କୁ ମନୋନୀତ କରିବା । ସାଧାରଣତଃ ଏଥିପ୍ରତି ପ୍ରୟାସ ହୋଇଥାଏ ଯେ, ଯେଉଁ ବ୍ୟକ୍ତି ବଢ଼ିଚଢ଼ି ଆଗକୁ ଆସନ୍ତି କି ତାଙ୍କୁ କ୍ଷମତା ମିଳୁ, ତାହାକୁ ଦାୟିତ୍ୱ ଭାର ନମିଳୁ । ଯଦି ଏପରି ବ୍ୟକ୍ତି ନିର୍ବାଚିତ ହୋଇ ଯାଇଥାନ୍ତି ତେବେ ମଧ୍ୟ କେନ୍ଦ୍ର ଅଥବା ଉପସ୍ଥିତ ଖଲିଫାଙ୍କୁ ଏହା ଜ୍ଞାତ ହେବା ମାତ୍ରେ ତାହାର ଅନୁମୋଦନ କଦାପି ପାରିତ କରି ନଥାନ୍ତି । ତେବେ ଏହା ଆମ ସରଦାର ହଜରତ ମୁହମ୍ମଦ [ସ.ଅ]ଙ୍କ କାର୍ଯ୍ୟବିଧିର ଅବିକଳ ପନ୍ଥା । ଏକଦା ହଜୁର [ସ.ଅ]ଙ୍କ ନିକଟକୁ ଦୁଇ ଜଣ ବ୍ୟକ୍ତି ଆସିଲେ ଏବଂ କହିଲେ; ଅମକ ପଦବୀରେ ଆମକୁ ନିଯୁକ୍ତ କରି ଦିଅନ୍ତୁ । ଆମେ ଉକ୍ତ ଆସନର ସର୍ବୋତ୍ତମ ପ୍ରାର୍ଥୀ । ସେମାନଙ୍କୁ ଆମ ପ୍ରିୟ ମୁନିବ ଉତ୍ତର ଦେଲେ, ଯାହାକୁ ମୁଁ କୌଣସି କାର୍ଯ୍ୟଭାର ପ୍ରଦାନ କରିଥାଏ ପରମେଶ୍ୱର ତାହାର ସେହି କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିଥାନ୍ତି । ଆଉ ଯେଉଁ ବ୍ୟକ୍ତି ତୁମ ପରି ଅଭିଳାଷ କରି ପଦ ହାସଲ କରନ୍ତି, ପରମେଶ୍ୱରଙ୍କ ନିକଟରୁ ତାଙ୍କୁ

ସେହି ସାହାଯ୍ୟ ସହଯୋଗ ମିଳି ନଥାଏ ଏବଂ ଉକ୍ତ କାର୍ଯ୍ୟ ବରକତ୍ ଶୂନ୍ୟ ରହିଥାଏ । **ସୁତରାଂ କଦାପି ପଦବୀରେ ଅଭିଷିକ୍ତ ହେବାର କାମନା କରିବା ଉଚିତ୍ ନୁହେଁ । ହଁ!** ସେବା କରିବାର ଅଭିଳାଷ କରିବା ଉଚିତ୍ । ତାହା କୌଣସି ପ୍ରକାରେ ହେଉ ନା କାହିଁକି ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଚଳିତ ବର୍ଷ କେତେକ ଦେଶମାନଙ୍କରେ ଅନ୍ତଃ ବିଭାଗର କର୍ମକର୍ତ୍ତାମାନଙ୍କ ନିର୍ବାଚନ ହେବାକୁ ଯାଉଅଛି । ଉକ୍ତ ସଂସ୍ଥାର ସଦସ୍ୟମାନଙ୍କ ମଧ୍ୟରୁ ଯେ, କେହି ମଜଲିସ୍‌ର ନିର୍ବାଚନୀରେ ପ୍ରତିନିଧି ହୋଇ ସାମିଲ୍ ହୁଅନ୍ତି ସେମାନଙ୍କୁ ଆବଶ୍ୟକ କି ଅଲ୍ଲାଃତାଲାଙ୍କ ଆଦେଶ ଅନ୍ତର୍ଗତ ଦୁଆ ଓ ନ୍ୟାୟ ପରାୟଣତାର ସହ ନିରପକ୍ଷ ଭାବରେ ନିଜ ମତଦାନ କରିବେ ।

ଏଥିସହିତ ମୁଁ କର୍ମକର୍ତ୍ତାମାନଙ୍କୁ ମଧ୍ୟ ସେମାନଙ୍କ ଦାୟିତ୍ୱ ଓ ମୂଲ୍ୟବୋଧ ପ୍ରତି ଧ୍ୟାନ ଆକର୍ଷିତ କରିବାକୁ ଚାହେଁ । କର୍ମକର୍ତ୍ତାମାନଙ୍କୁ ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ପରାକ୍ରମୀ ଅଲ୍ଲାଃତାଲା ଆମକୁ ସେବା କରିବାକୁ ଏକ ସୁନ୍ଦର ଅବସର ପ୍ରଦାନ କରିଛନ୍ତି । ସୁତରାଂ ସମସ୍ତ ପ୍ରକାରର ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠି ସେବା ସମ୍ପାଦନ କରନ୍ତୁ । କେତେକ କର୍ମକର୍ତ୍ତାଙ୍କ ବ୍ୟବହାରରେ ନମ୍ରତା ନଥିବାର ଅଭିଯୋଗ ମିଳିଥାଏ । ଏପରିକି କେତେକ କର୍ମକର୍ତ୍ତାଙ୍କ ସମ୍ବନ୍ଧରେ ରିପୋର୍ଟ ହସ୍ତଗତ ହେଉଛି ଯେ, ସେମାନେ ସଲାମ୍‌ର ମଧ୍ୟ ଉତ୍ତର ଦେଉ ନାହାନ୍ତି । **ଏପରି ଆଚରଣ ପ୍ରଦର୍ଶନକାରୀ ନିଜର ସଂସ୍କାର କରି ନିଅନ୍ତୁ ।** ପ୍ରତ୍ୟେକ ପିଲା ଗୁରୁଜନଙ୍କ ସହିତ ସ୍ନେହ ଶ୍ରଦ୍ଧା ଓ ବିନମ୍ରତା ପୂର୍ବକ ସାକ୍ଷାତ କରନ୍ତୁ । ଆପଣଙ୍କୁ ଜମାଅତର ସଦସ୍ୟବୃନ୍ଦଙ୍କ ସେବା ସତ୍କାର କରିବା ସକାଶେ ମୁତୟନ କରାଯାଇଛି । ନା କି ଉଚ୍ଚପଦସ୍ଥ ଅଧିକାରୀଙ୍କ ପରି ନିଜ ଔଦ୍ଧତ୍ୟ ପ୍ରଦର୍ଶନ କରନ୍ତୁ । ନିଜ ଅଭ୍ୟନ୍ତରରେ ନମ୍ରତା ଉତ୍ପନ୍ନ କରନ୍ତୁ । ଯେଉଁଳି ଦାୟିତ୍ୱ ଭାର ପ୍ରଦାନ କରାଯାଇଛି ତାହା ସୁଚାରୁ ରୂପେ ସମ୍ପାଦନ କରିବାକୁ ଚେଷ୍ଟା କରନ୍ତୁ । ନିଜର ସକଳ ଦକ୍ଷତା ବିନିଯୋଗ କରି ଉକ୍ତ କାର୍ଯ୍ୟ ସମ୍ପନ୍ନ କରନ୍ତୁ । ଯେତେବେଳେ ଏପ୍ରକାରର ମନୋଭାବ ଉତ୍ପନ୍ନ ହେବ ତେବେଯାଇ ଜଣେ ସଠିକ୍ ରୂପେ ନିଜର ଦାୟିତ୍ୱ ନିର୍ବାହ କରିପାରିବ ଏବଂ ଜମାଅତର ଲୋକମାନେ ମଧ୍ୟ ତାଙ୍କୁ ସାହାଯ୍ୟ କରିବେ । ଅଧିକାଂଶ କର୍ମକର୍ତ୍ତା ଯେଉଁ ଅଭିଯୋଗ କରିଥାନ୍ତି ତାହା ଏହିକି ଯେ, କେତେକ ବିଭାଗରେ ସଦସ୍ୟବୃନ୍ଦ ଆମର ସାହାଯ୍ୟ କରୁ ନାହାନ୍ତି । ନିଃସନ୍ଦେହ ରୂପେ ଜନସାଧାରଣଙ୍କର ମଧ୍ୟ କିଛି ଦାୟିତ୍ୱ ରହିଛି ଯେ, ଯେଉଁ ବ୍ୟକ୍ତିଙ୍କୁ ସେମାନେ ସ୍ୱୟଂ ସେବା କରିବା ସକାଶେ ମନୋନୀତ କରିଛନ୍ତି, ତାହାର ସାହାଯ୍ୟ ମଧ୍ୟ କରିବା ଅନିବାର୍ଯ୍ୟ । କିନ୍ତୁ ଏଥି ସହିତ କର୍ମକର୍ତ୍ତାମାନଙ୍କର ଦାୟିତ୍ୱ ଯେ, ନିଜର ସର୍ବୋତ୍ତମ ନମୁନା ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରନ୍ତୁ ।

ଏହିପରି ଅତ୍ୟଧିକ କ୍ଷମା ଯାଚନା କରିବା, ଅଲ୍ଲାଃତାଲାଙ୍କର ଜପ କରିବା, ମହିମା ଗାନ କରିବା ଓ ନିଜ ଅବସ୍ଥାର ପର୍ଯ୍ୟବେକ୍ଷଣ କରିବା ମଧ୍ୟ ଜରୁରୀ । ଯଦି ଜଣେ ସେକ୍ରେଟାରୀ ତରବିୟତ୍ ପାଞ୍ଚବେଳା ନମାଜ ପାଠ କରୁ ନାହିଁ ତେବେ ସେ ଅନ୍ୟକୁ କିପରି ନମାଜ ପାଠ କରିବା ପାଇଁ ଉପଦେଶ ଦେଇପାରିବ? ଏହିପରି ଯଦି ଜଣେ କର୍ମକର୍ତ୍ତା ସଠିକ୍ ଅନୁପାତରେ ଚାନ୍ଦା ପୈଠ କରୁ ନାହିଁ ତେବେ ସେ ଅନ୍ୟକୁ କିପରି ଅର୍ଥଦାନ କରିବା ପ୍ରତି ଅନୁପ୍ରାଣିତ କରି ପାରିବ? ଯଦି ସେକ୍ରେଟାରୀ ତରବିୟତ୍ ନିଜର ଉତ୍ତମ ଆଚରଣ ଅର୍ଥାତ ପ୍ରେମ ଓ ଭାତୃଭାବର ସହିତ ଜମାଅତର ଲୋକମାନଙ୍କ ତରବିୟତ୍ କରନ୍ତି ତେବେ ସେ ଏକ ମହାବିପ୍ଳବ ଆଣି ପାରିବେ ।

ପ୍ରତ୍ୟେକ କର୍ମକର୍ତ୍ତାଙ୍କୁ ନିଜ ବିଭାଗର ସର୍ବାଙ୍ଗ ଉନ୍ନତି ସକାଶେ ପ୍ରତିଦିନ ଅତି କମ୍‌ରେ ଦୁଇ ରେକାତ୍ ନଫିଲ୍ ନମାଜ ମଧ୍ୟ ପାଠ କରିବା ଉଚିତ୍ । ଯଦି ତରବିୟତ୍ ବିଭାଗ ସକ୍ରିୟ ହୋଇଯାଏ ତେବେ ଅନ୍ୟ ବିଭାଗଗୁଡ଼ିକ ଆପଣଛାଏଁ ୭୦ପ୍ରତିଶତ କାର୍ଯ୍ୟ କରିବା ଆରମ୍ଭ କରିଦେବେ ।

ଅନ୍ତଃ ବିଭାଗଗୁଡ଼ିକୁ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ କର୍ମଠ କରିବାକୁ ହେବ । କର୍ମକର୍ତ୍ତାମାନେ କେବଳ ମଞ୍ଚ ଉପରେ ବିରାଜିତ ହେବା ପାଇଁ ମନୋନୀତ ହୋଇ ଆସିନଥାନ୍ତି । **ପ୍ରତ୍ୟେକ କର୍ମକର୍ତ୍ତାଙ୍କୁ ଜଣେ**

**କର୍ମୀ (ସେବକ) ହୋଇ ନିଜ ଦାୟିତ୍ୱ ନିର୍ବାହ କରିବା ଉଚିତ୍ ।** ସ୍ମରଣ ରଖନ୍ତୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ନିର୍ଦ୍ଦେଶ ଦେଇଛନ୍ତି ଯେ, ଗୋଷ୍ଠୀର ସରଦାର ତାହାର ସେବକ ଅଟେ । କର୍ମକର୍ତ୍ତାଙ୍କର କର୍ତ୍ତବ୍ୟ ଯେ, ଜମାଅତର ଲୋକମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରନ୍ତୁ । ସେମାନଙ୍କ ସୁଖଦୁଃଖରେ ସାମିଲ ହୁଅନ୍ତୁ । ଲୋକମାନଙ୍କ ମନରେ ଏହି ଭାବନା ଜାଗ୍ରତ କରାନ୍ତୁ ଯେ, ଜମାଅତର ବ୍ୟବସ୍ଥା ବିଭାଗ ପରସ୍ପରର ଯତ୍ନ ନେବା ଓ  ସହାନୁଭୂତି ପ୍ରଦର୍ଶନ କରିବା ପାଇଁ ଗଠନ କରାଯାଇଛି । ଏହି ଚିନ୍ତାଧାରା ହିଁ ଆମକୁ ପ୍ରଭୁଙ୍କ ନିକଟତର କରିଥାଏ । ଅଲ୍ଲାଃ କରନ୍ତୁ କି ଖିଲାଫତ୍ ଅହେମଦିୟାକୁ ସର୍ବଦା ଏପରି ସୁଦକ୍ଷ ସକ୍ରିୟ ସେବକ ପ୍ରାପ୍ତ ହୁଅନ୍ତୁ ଯେ ନିଜ ଦାୟିତ୍ୱ ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ନିଜ କର୍ତ୍ତବ୍ୟ ସମ୍ପାଦନ କରୁଥିବେ ।

କର୍ମକର୍ତ୍ତାମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ଆମଲାର ବୈଠକ ଓ ସମ୍ମିଳନୀରେ ଯୋଗ ଦେଇ ନିଜ ମତ ପ୍ରକାଶ କରିବା ଏବଂ ଆଶ୍ୱସ୍ତ ହୋଇଯିବା କି ଆମେ ନିଜର ଦାୟିତ୍ୱ ତୁଲାଇ ଦେଲୁ, ଏହା ଯଥେଷ୍ଟ ନୁହେଁ । **ଲୋକମାନଙ୍କ ହିତ ସାଧନ କରିବା ଦିଗରେ ବିଧିବଦ୍ଧ ଭାବରେ ଖସଡ଼ା ପ୍ରସ୍ତୁତ କରିବା ଏବଂ ତଦନୁଯାୟୀ କାର୍ଯ୍ୟକାରୀ କରେଇବା ଅତ୍ୟନ୍ତ ଜରୁରୀ ।** ଆମମାନଙ୍କୁ ଯେଉଁଭଳି ସାଧନ ଉପଲବ୍ଧ ରହିଛି ସେହି ସୀମିତ ସମ୍ବଳ ମଧ୍ୟରେ ବୁଦ୍ଧିମତାର ସହିତ ଲୋକମାନଙ୍କ ଆବଶ୍ୟକତା ପୂରଣ କରିବାକୁ ଚେଷ୍ଟା କରନ୍ତୁ ।

ଆଜିକାଲି ବିବାହ ବନ୍ଧୁଘର ବିଭାଗ ଆମ ପାଇଁ ବହୁତ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସେହି (ସମସ୍ୟାଗୁଡ଼ିକରୁ) ନିସ୍ତାର ପାଇବା ସକାଶେ ବ୍ୟାପକ ଯୋଜନ ପରିକର କରି କାର୍ଯ୍ୟ କରିବା ଅନିବାର୍ଯ୍ୟ । ଜମାଅତୀୟ ବ୍ୟବସ୍ଥା ଓ ଅନ୍ତଃ ବିଭାଗଗୁଡ଼ିକୁ ମିଳତ ଭାବରେ କାର୍ଯ୍ୟ କରିବାକୁ ହେବ । ଏହି ପରିପ୍ରେକ୍ଷୀରେ ତରବିୟତ୍ ବିଭାଗକୁ ମଧ୍ୟ ସକ୍ରିୟ କରିବା ଜରୁରୀ । ଯଦି ଆମ ଯୁବପିଢ଼ୀଙ୍କର ସଠିକ୍ ପ୍ରଶିକ୍ଷଣ ହୁଏ ତେବେ ଆମେ ହଜରତ ମୁହମ୍ମଦ [ସ.ଅ]ଙ୍କ ଏହି ଉପଦେଶକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଯେ, ବନ୍ଧୁଘର କରିବା ସମୟରେ ଧନସମ୍ପତ୍ତି, ଆଭିଜାତ୍ୟ, ବଂଶ ପରମ୍ପରା ଓ ସୌନ୍ଦର୍ଯ୍ୟତାକୁ ଦେଖିବା ପରିବର୍ତ୍ତେ ଧର୍ମକୁ ପ୍ରାଧାନ୍ୟ ଦେବା ।

ଉମୁରେ ଆମା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗ । ସାଧାରଣତଃ ମନେ କରାଯାଇଥାଏ ଯେ, ଉକ୍ତ ବିଭାଗର କାର୍ଯ୍ୟ କେବଳ ଲୋକମାନଙ୍କୁ ଦଣ୍ଡିତ କରିବା ଅଥବା ଅମାନୁଷ (ନିଷ୍ଠୁର) ଭାବରେ ଲୋକମାନଙ୍କୁ ଚେତାବନୀ ଦେବା ଅଟେ । ଏହି ବିଭାଗରେ କର୍ମରତ ବ୍ୟକ୍ତିମାନଙ୍କୁ ଜ୍ଞାତ ହେବା ଉଚିତ୍ ଯେ, ସେମାନଙ୍କର କେବଳ ଏତିକି କାର୍ଯ୍ୟ ନୁହେଁ । ବରଂ ଏହି କାର୍ଯ୍ୟ ଉକ୍ତ ବିଭାଗର ମାତ୍ର ଏକ ଅଂଶ ବିଶେଷ । କଠୋରତାର ସହ ଲୋକମାନଙ୍କୁ ସତର୍କ କରିବା ତ ନିଃସନ୍ଦେହ ରୂପେ ତାଙ୍କର କାର୍ଯ୍ୟ ନୁହେଁ । ଏହା କେବଳ ସେହିସ୍ଥଳେ ଜରୁରୀ ଯେଉଁସ୍ଥଳେ ଜଟିଳ ପରିସ୍ଥିତି ଉପୁଜିଥାଏ । ସେତେବେଳେ ହିଁ ଏଥିପାଇଁ ସୁପାରିଶ କରାଯାଇଥାଏ । ଯଦି ଆମ ତରବିୟତ୍ ବିଭାଗ କର୍ମଠ ହୋଇଯାଏ ତେବେ ସଦସ୍ୟବୃନ୍ଦଙ୍କ ପାରସ୍ପରିକ କଳହ ସମ୍ବନ୍ଧିୟ ଉମୁରେ ଆମା'ର ଅନେକ ସମସ୍ୟା ଆପେଆପେ ସମାଧାନ ହୋଇଯାଇଥାଏ । ଉମୁରେ ଆମା'ର କାର୍ଯ୍ୟ ଲୋକମାନଙ୍କୁ କଦାପି ଦଣ୍ଡ ଦେବା ନୁହେଁ । ବରଂ ଦଣ୍ଡରୁ ରକ୍ଷା କରିବା ଏବଂ ସେଥି ପାଇଁ ତାଙ୍କୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବା ଉଚିତ୍ ।

କେତେକ ସମୟରେ କର୍ମକର୍ତ୍ତାମାନଙ୍କ ଆଚାର ବ୍ୟବହାର ସଦସ୍ୟବୃନ୍ଦଙ୍କ ମନରେ ଜମାଅତୀୟ ବ୍ୟବସ୍ଥା ପ୍ରତି ବିତୃଷ୍ଣାଭାବ ସୃଷ୍ଟି କରିଥାଏ । ଜମାଅତର ସଦସ୍ୟବୃନ୍ଦଙ୍କୁ ମୁଁ କହିବାକୁ ଚାହେଁ ଯେ, ସେମାନଙ୍କର ପ୍ରତ୍ୟେକ ପତ୍ର ଉପସ୍ଥିତ ଖଲିଫାଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାହାକୁ ଖୋଲା ଯାଇଥାଏ, ପାଠ କରାଯାଇଥାଏ ଏବଂ ତାହା ଉପରେ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥାଏ । ଯଦି କୌଣସି ସ୍ଥାନରେ ବିଳମ୍ବ ଘଟେ ତେବେ ତାହା ସମ୍ପୃକ୍ତ ଜମାଅତରେ ଘଟିଥାଏ । ଏପରି ଅର୍ଥାତ ସମ୍ପୃକ୍ତ ପ୍ରସଙ୍ଗରେ ରିପୋର୍ଟ ପ୍ରେରଣ କରିବାରେ ବିଳମ୍ବ ଅବା

ଅବହେଳା କରି ଉକ୍ତ କର୍ମକର୍ତ୍ତା ହିଁ ସଦସ୍ୟବୃନ୍ଦ ଓ ଉପସ୍ଥିତ ଖଲିଫାଙ୍କ ମଧ୍ୟରେ ଦୂରତା ସୃଷ୍ଟିକାରୀ ସାବ୍ୟସ୍ତ ହୋଇଥାନ୍ତି ।

ଯେଉଁ କର୍ମକର୍ତ୍ତାମାନଙ୍କ ଅଧିନ ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ଦାୟିତ୍ୱ ଭାର ନ୍ୟସ୍ତ ରହିଛି । ସେମାନଙ୍କୁ ବିଶେଷ ଭାବରେ ସ୍ମରଣ ରଖିବା ଉଚିତ୍ ଯେ, ନିଜ ଦାୟିତ୍ୱ ନିର୍ବାହ କରିବାରେ କଦାପି ବିଳମ୍ବ ଓ ଅବହେଳା ପ୍ରଦର୍ଶନ କରନ୍ତୁ ନାହିଁ । ହଜରତ ମୁହମ୍ମଦ[ସ.ଅ] କୁହନ୍ତି; ଯେଉଁ ଇମାମ ଅର୍ଥାତ କର୍ମକର୍ତ୍ତା ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ସକାଶେ ନିଜ ଦ୍ୱାର ବନ୍ଦ କରିଥାଏ । **ଐଶ୍ୱର୍ଯ୍ୟମୟ ପ୍ରଭୁ ତାହାର ଆବଶ୍ୟକତା ପୂରଣ କରିବା ସକାଶେ ଆକାଶର ଦ୍ୱାର ବନ୍ଦ କରିଦିଅନ୍ତି ।** ସୁତରାଂ ଯଦି ଏପରି ଚିନ୍ତାଧାରା ପୋଷଣ କରୁଥିବା କର୍ମକର୍ତ୍ତା ଅଥବା ଉକ୍ତ କାର୍ଯ୍ୟାଳୟରେ କର୍ମରତ କୌଣସି କର୍ମୀ ଅଛନ୍ତି ତେବେ ତାହାକୁ ନିଜ ହୃଦୟରେ ପ୍ରଭୁଙ୍କ ଭୟ ଉତ୍ପନ୍ନ କରି ଲୋକମାନଙ୍କ ଆବଶ୍ୟକତା ପୂରଣ କରିବାରେ ଶୀଘ୍ରତା କରିବା ଉଚିତ୍ । ଦରଖାସ୍ତ ଗ୍ରହଣ କରି ନିଜ ଡ୍ର' ଭିତରେ ରଖିଦେବା ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ତାହା ଉପରେ କୌଣସି କାର୍ଯ୍ୟକାରୀ ନକରିବା ଏକ ବହୁତ ବଡ଼ ଅପରାଧ ଅଟେ ।

ହଜରତ ମୁହମ୍ମଦ[ସ.ଅ] କୁହନ୍ତି; ଯେଉଁସ୍ଥଳେ ମଧ୍ୟ ତୁମେ ଅବସ୍ଥାନ କର ଧର୍ମପରାୟଣତା ଅବଲମ୍ବନ କର ଏବଂ ଲୋକମାନଙ୍କ ସହିତ ଉତ୍ତମ ଆଚରଣ ଓ ସଦ୍‌ବ୍ୟବହାର ପ୍ରଦର୍ଶନ କର ।

ହଜରତ ମୁହମ୍ମଦ[ସ.ଅ] ହଜରତ ଅବୁ ମୁସା ଓ ହଜରତ ମଗାଜ୍ ବିନ୍ ଜବଲ୍‌ଙ୍କ ମଦିନାର ଦୁଇଟି ଭିନ୍ନ ସ୍ଥାନର ଗଭର୍ନର କରି ପ୍ରେରଣ କରିବା ସମୟରେ ଏହି ଉପଦେଶ ଦେଲେ ଯେ, ଲୋକମାନଙ୍କ ସକାଶେ ସହଜତା ଉତ୍ପନ୍ନ କରିବ, ସମସ୍ୟା ସୃଷ୍ଟି କରିବ ନାହିଁ । ସ୍ନେହ ଆଦର ଓ ସୁଖସମୃଦ୍ଧି ପରିବ୍ୟାପ୍ତ କରିବ, ଘୃଣାଭାବ ଜାତ ହେବାକୁ ଦେବ ନାହିଁ । ଏହି ମହତ୍ୱପୂର୍ଣ୍ଣ ଉପଦେଶ ପ୍ରତ୍ୟେକ କର୍ମକର୍ତ୍ତାମାନଙ୍କୁ ମାର୍ଗଦର୍ଶକ ନୀତି ସ୍ୱରୂପ ନିଜ ସମ୍ମୁଖରେ ରଖିବା ଉଚିତ୍ ।

ସୁତରାଂ ପ୍ରତ୍ୟେକ କର୍ମକର୍ତ୍ତାମାନଙ୍କୁ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ଆମେ ନିଜ ଅଭ୍ୟନ୍ତରକୁ ଆଧ୍ୟାତ୍ମିକତାରେ ବିମଣ୍ଡିତ କରିବା । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ଲ୍ ଇହ୍‌ସାନି ୱ୍ଇତାଇଜିଲ କୁର୍‌ବା ୱ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ଲ୍ ମୁନ୍‌କରି ୱ୍ଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

★★★ ★★★ ★★★ ★★★

Khulasa Khutba Juma Huzoor Anwar a.b.a

18th August 2023